# ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର

ନଂ........୧୪୩୮୦........ତା....୦୭...୧୨...୨୦୧୯

## ବିଜ୍ଞାପନ

ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖା ଗୁଡିକ ନିମନ୍ତେ ଦରକାର ହେଉଥିବା ଚୁକ୍ତି ଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥା କ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/- ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତି ଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟର ମାନଙ୍କୁ ସଡକ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧିନରେ ଥିବା ଶାଖା ମାନଙ୍କରେ ଅବସ୍ଥାପିତ କରାଯିବ ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଦର୍ଶକଙ୍କ ନିକଟରେ ତା.୧୦.୧୨.୨୦୧୯ ଠାରୁ ୨୭.୧୨.୨୦୧୯ ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ଘ.୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ ।

ଏହାର ସବିଶେଷ ବିବରଣୀ OSRTC web site-www.osrtc.in ରେ ଉପଲବ୍ଧ ।

ଅଧକ୍ଷ୍ୟ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ

(signature) ୭-୧୨-୨୦୧୯

ସାଧାରଣ ପରିଚାଳକ(ପ୍ରଶାସନ)

ଓଡିଶା ରାଜ୍ୟ ସଡକ ପରିବହନ ନିଗମ,ଭୁବନେଶ୍ୱର

# ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର,

ନଂ.୧୪୩୨୭.../ଭୁବନେଶ୍ୱର ତା..୦୭...୧୨.୨୦୧୯

## ବିଜ୍ଞାପନ

ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖା ଗୁଡିକ ପାଇଁ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ମାସିକ ପାରିଶ୍ରମିକ ଟ.୧୨,୯୦୦/- ହାରରେ ଏବଂ ଚୁକ୍ତି ଭିତ୍ତିକ କଣ୍ଡକ୍ଟର ମାସିକ ପାରିଶ୍ରମିକ ଟ.୧୧,୧୦୦/-ହାରରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ କଣ୍ଡକ୍ଟର ଓ ଚୁକ୍ତିଭିତ୍ତିକ ଡ୍ରାଇଭର ମାନଙ୍କୁ ନିମ୍ନଲିଖିତ ମଣ୍ଡଳ ଅଧିନରେ ଥିବା ଶାଖା ମାନଙ୍କରେ ଅବସ୍ଥାପିତ କରାଯିବ ।

ନିମ୍ନଲିଖିତ ସର୍ତ୍ତାବଳୀ ପୁରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ସଂଲଗ୍ନିତ ଦରଖାସ୍ତ ଫର୍ମ ଦାଖଲ କରିବା ସହ ସାକ୍ଷାତ କାର ଦେଇପାରିବେ ।

ସମୟ:-ଦିବା ୧୧ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କାର୍ଯ୍ୟସୂଚୀ | ତାରିଖ | ଚୟନ ହେବାକୁଥିବା ପଦବୀ |
|---|---|---|
| **ଭୁବନେଶ୍ୱର ମଣ୍ଡଳ** | | |
| ୧,ଜିଲ୍ଲା ପରିବହନ ପରିଚାଳକ(ମାଳତୀପାଟପୁର) | -ତା ୧୮.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୨.ଜିଲ୍ଲାପରିବହନ ପରିଚାଳକ,ଭୁବନେଶ୍ୱର | -ତା.୨୭.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୩.ଜିଲ୍ଲାପରିବହନ ପରିଚାଳକ,କଟକ | -ତା.୨୪.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୪.ଜିଲ୍ଲା ପରିବହନ ପରିଚାଳକ,କେନ୍ଦୁଝର | -ତା.୧୦.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୫, ଜିଲ୍ଲା ପରିବହନ ପରିଚାଳକ,ଅନୁଗୁଳ | -ତା.୧୩.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| **ସମ୍ବଲପୁର ମଣ୍ଡଳ** | | |
| ୬.ଜିଲ୍ଲା ପରିବହନ ପରିଚାଳକ,ସମ୍ବଲପୁର | -ତା.୨୩.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୭.ଜିଲ୍ଲା ପରିବହନ ପରିଚାଳକ,ରାଉରକେଲା | -ତା.୧୦.୧୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟ |

୮.ଜିଲ୍ଲା ପରିବହନ ପରିଚାଳକ,ସୁନ୍ଦରଗଡ -ତା.୧୧.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୯.ଜିଲ୍ଲା ପରିବହନ ପରିଚାଳକ,ଦେଓଗଡ -ତା.୧୨.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୦.ଜିଲ୍ଲା ପରିହବନ ନରିଚାଳକ,ବରଗଡ -ତା.୨୦.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୧.ଜିଲ୍ଲା ପରିବହନ ପରିଚାଳକ,ପଦ୍ମପୁର -ତା.୧୯.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୨.ଜିଲ୍ଲା ପରିବହନ ପରିଚାଳକ,ନୂଆପଡା -ତା.୧୮.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୩.ଜିଲ୍ଲା ପରିବହନ ପରିଚାଳକ,ବଲାଙ୍ଗିରୀ -ତା.୧୭.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

## ବ୍ରହ୍ମପୁର ମଣ୍ଡଳ

୧୪.ଜିଲ୍ଲା ପରିବହନ ପରିଚାଳକ, ବ୍ରହ୍ମପୁର -ତା.୨୪ ଏବଂ ୨୬.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୫.ଜିଲ୍ଲା ପରିବହନ ପରିଚାଳକ, ଭଞ୍ଜନଗର -ତା.୧୦.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୬.ଜିଲ୍ଲା ପରିବହନ ପରିଚାଳକ,ଫୁଲବାଣୀ -ତା.୧୧.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୭.ଜିଲ୍ଲା ପରିବହନ ପରିଚାଳକ,ଭବନୀପାଟଣା -ତା.୧୨.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୮.ଜିଲ୍ଲା ପରିବହନ ପରିଚାଳକ, ଜୟପୁର- -ତା.୧୬.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୯.ଜିଲ୍ଲା ପରିବହନ ପରିଚାଳକ,ମାଲକାନଗିରୀ -ତା.୧୭.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୦.ଜିଲ୍ଲା ପରିବହନ ପରିଚାଳକ, ନବରଙ୍ଗପୁର -ତା.୧୩.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୧.ଜିଲ୍ଲାପରିବହନ ପରିଚାଳକ, ବିଜୟନଗରମ -ତା.୧୯.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୨. ଜିଲ୍ଲାପରିବହନ ପରିଚାଳକ, ରାୟଗଡା -ତା.୨୦.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୩. ଜିଲ୍ଲାପରିବହନ ପରିଚାଳକ,ପାରଳାଖେମୁଣ୍ଡି -ତା.୨୧.୧୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

## ସର୍ତ୍ତାବଳୀ:-

ଡ୍ରାଇଭର ପଦବୀ ନିମନ୍ତେ

୧.ବୈଧ ହେଭି ପବ୍ଲକ ଭେଇକିଲ ଡ୍ରାଇଭିଂ ଲାଇସେନ୍ସ ।

୨.ପବ୍ଲିକ ସର୍ଭିସ ବ୍ୟାଚ ଏବଂ ଫାଷ୍ଟଏଡେ ସାର୍ଟିଫିକେଟ ।

୩.ଅତକମରେ ତନିବର୍ଷ ପବ୍ଲକ ବସ ଚଳାଇବା ଅଭିଜ୍ଞତା ।

4.ଦୃଷ୍ଟିଶକ୍ତି ଠିକଥିବା ସର୍ବନିମ୍ନ ଉଚ୍ଚତା ୫.୩. ଏବଂ ଚତିର ସର୍ବନିମ୍ନ ପ୍ରଶସ୍ତି ୩୨ ରୁ ୩୪ ଥିବା ଦରକାର ।

5. ଜାତିଗତ ପ୍ରମାଣପତ୍ର ।

୬.ଶିକ୍ଷାଗତ ଯୋଗ୍ୟତା ।

୭. ଅନ୍ୟାନ୍ୟ ଯୋଗ୍ୟତା ତଥା ଅଭିଜ୍ଞତା ଯଦିଥାଏ ତାର ପ୍ରମାଣପତ୍ର (**Volvo** ବସ୍ ଚଳାଇବାର ଅଭିଜ୍ଞତା,କମ୍ପୁଟର ଟ୍ରେନିଙ୍ଗ ପ୍ରମାଣପତ୍ର ଇତ୍ୟାଦି)

୮. ସରକାରୀ ଟ୍ରେନିଂସ୍କୁଲରୁ ଗାଡିଚାଳନା ତାଲିମ ପାଇଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ

୯.ଦୁଇଗୋଟି ପାସପୋର୍ଟ ଫଟୋଗ୍ରାଫ ଏବଂ ଅଧାର କାର୍ଡର ନକଲ ।

୧୦.ପ୍ରାର୍ଥୀଙ୍କ ବୟସ ୦୧.୧୨.୨୦୧୯ ସୁଦ୍ଧା ୨୧ ବର୍ଷ ରୁ ଉର୍ଦ୍ଧ ଏବଂ ୪୦ ବର୍ଷରୁ କମ୍ ହୋଇଥିବା ଦରକାର । ଆବଶ୍ୟକସ୍ଥଳେ ଉପଲବ୍ଧ ଅଧିକଥିଲେ ଡ୍ରାଇଭର ପଦବୀ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯାଇପାରେ ।

୧୧. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସମୟରେ ଟ.୧୦,୦୦୦(ଦଶ ହଜାର ଟଙ୍କା) ଅମାନତ ଜମା କରିବାକୁ ପଡିବ ।

୧୨.ସରକାରୀ ନିୟମ ଅନୁସାରେ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦିଆଯିବ

<u>କଣ୍ଡକ୍ଟର ପଦବୀ ନିମନ୍ତେ</u>:-

୧. ପ୍ରାର୍ଥୀ ଅନୁନ୍ୟ HSC ଉର୍ତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୨. ବୈଧ କଣ୍ଡକ୍ଟର ଲାଇସେନ୍ସ,ବ୍ୟାଚ ଓ ଫାଷ୍ଟଏଡ ସାର୍ଟିଫିକେଟ ।

୩. ଦୃଷ୍ଟିଶକ୍ତି ଠିକ୍ଥିବା ସର୍ବନିମ୍ନ ଉଚ୍ଚତା ୫'.୨" ଏବଂ ଛାତିର ସର୍ବନିମ୍ନ ପ୍ରଶସ୍ତି ୩୨" ରୁ ୩୪" ଥିବା ଦରାକର ।

୪. ଜାତିଗତ ପ୍ରମାଣପତ୍ର ।

୫. ଶିକ୍ଷାଗତ ପ୍ରମାଣ ପତ୍ର ।

୬. ଅନ୍ୟାନ୍ୟ ଯୋଗ୍ୟତା ତଥା ଅଭିଜ୍ଞତା ଯଦି ଥାଏ ତାର ପ୍ରମାଣ ପତ୍ର ।

୭.ଦୁଇଗୋଟି ପାସପୋର୍ଟ ଫଟୋଗ୍ରାଫ ଏବଂ ଆଧାର କାର୍ଡର ନକଲ ।

୮.କମ୍ପ୍ୟୁଟର ଯୋଗ୍ୟତା /ଟ୍ରେନିଂ ନେଇଥିବା ପ୍ରମାଣ ପତ୍ର । କମ୍ପ୍ୟୁ ଟ୍ରେନିଙ୍ଗ ଓ ଇ.ଟି.ଏମ୍ ମେସିନ ଚଳାଇବାର ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ । ଆବଶ୍ୟକସ୍ଥଳେ ସେମାନଙ୍କୁ କମ୍ପୁଟର ଚାଳକଭାବେ ନିୟୋଜିତ କରାଯାଇପାରେ ।

୯.ପ୍ରାର୍ଥୀଙ୍କ ବୟସ ୦୧.୧୨.୨୦୧୯ ସୁଦ୍ଧା ୨୧ ରୁ ଉର୍ଦ୍ଧ ଏବଂ ୩୨ ବର୍ଷରୁ କମ୍ ହୋଇଥିବା ଦରକାର । ସରକାରଙ୍କ ନିୟମ ଅନୁଯାୟୀ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ବୟସ ସୀମା କୋହଳ କରାଯିବ ।

୧୦. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ଟ.୩୦.୦୦୦/- (ତିରିଶି ହଜାର ଟଙ୍କା) (୨୫,୦୦୦ ହଜାର ଟଙ୍କା ଅମାନତ ଜମା ଓ ଟ.୫,୦୦୦/-ଟଙ୍କା ରେଜିଷ୍ଟ୍ରସନ ଫିସ ଅଫେରସ୍ତ ଯୋଗ୍ୟ ଅଟେ ) ଜମା କରିବାକୁ ପଡିବ । ମାତ୍ର ନିଯୁକ୍ତି ସମୟରେ ଟ.୧୫,୦୦୦/- ଟଙ୍କା ( ଟ.୧୦,୦୦୦/- ଅମାନତ ଜମା ଓ ଟ.୫,୦୦୦/-ଟଙ୍କା ରେଜିଷ୍ଟ୍ରସନ ଫିସ ଅଫେରସ୍ତ ଯୋଗ୍ୟ )ଜମା କରିବାକୁ ହେବ ଏବଂ ବାକି ଟ.୧୫,୦୦୦/-(ପନ୍ଦର ହଜାର ଟଙ୍କା) ଅମାନତ ଜମା ବାବଦ ମାସିକ ଟ.୧୦୦୦/-(ଏକ ହଜାର ଟଙ୍କା) ହିସାବରେ ଦରମାରୁ କଟା ହେବ ।

୧୧.ସରକାରୀ ନିୟମ ଅନୁସାରେ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦିଆଯିବ ।

ଏହାର ସବିଶେଷ ବିବରଣୀ OSRTC web site www.osrtc.in ରେ ଉପଲବ୍ଧ ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ

(signature) 2-12-2019

ସାଧାରଣ ପରିଚାଳକ(ପ୍ରଶାସନ)

ଓଡିଶା ରାଜ୍ୟ ସଡକ ପରବହନ ନିଗମ,ଭୁବନେଶ୍ୱର

Memo.No. 14363 OSRTC, Bhubaneswar ,dt 02.12.2019

TZE(A)-71/11

Copy to Senior Manager, MIS for information and necessary action.

He is requested to upload the advertisement in the official web-site for wide circulation.

(signature) 2.12

GENERAL MANAGER(ADM)

OSRTC, Bhubaneswar.

# ଦରଖାସ୍ତ ଫର୍ମ

ପାସପୋଟ ଫଟୋଗ୍ରାଫ

୧. ପଦବୀର ନାମ -

୨. ପ୍ରାର୍ଥୀଙ୍କ ନାମ-

୩.ପିତାଙ୍କ ନାମ-

୪.ସ୍ଥାୟୀ ଠିକଣା-

୫.ବର୍ତ୍ତମାନ ଠିକଣା-

୬.ମୋବାଇଲ୍ ନମ୍ବର-

୭.ଜନ୍ମତାରିଖ-

୮.ପ୍ରାର୍ଥୀ ତଫସିଲଭୁକ୍ତ ଜାତି/ଜନଜାତି/ପଛଆବର୍ଗ-
ସାମାଜିକ ଆର୍ଥୀକ ଦୁର୍ବଳ ଅଟନ୍ତି କି
(ଜାତିଗତ ପ୍ରମାଣପତ୍ର ସଂଲଗ୍ନ କରିବା ଆବଶ୍ୟକ)

୯. ଶିକ୍ଷାଗତ ଯୋଗ୍ୟତା – (ଅବିକଳ ନକଲ ସଂଲଗ୍ନ କରିବା ଅବଶ୍ୟକ)

| କ୍ରମିକ ନମ୍ବର | ପରୀକ୍ଷାର ନାମ | ବର୍ଷ | ଶ୍ରେଣୀ |
|---|---|---|---|
| | | | |

୧୦. କଣ୍ଡକ୍ଟର ଲାଇସେନ୍ସ,/ଡ୍ରାଇଭିଂ ଲାଇସେନ୍ସ/ବ୍ୟାଚ ଓ ଫାଷ୍ଟଏଡ ସାଟିର୍ଫିକେଟ ନଂ ଓ ତାରିଖ
(ଅବିକଳ ନକଲ ସଂଲଗ୍ନ କରିବା ଆବଶ୍ୟକ)

୧୧. ଅନ୍ୟାନ ଯୋଗ୍ୟତା ଓ ଅଭିଜ୍ଞତାର ବିବରଣୀ (ଅବିକଳ ନକଲ ସଂଲଗନ କରିବା ଆବଶ୍ୟକ) ।

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି କି ଉପର ଲିଖିତ ତଥ୍ୟଗୁଡିକ ସତ୍ୟ ଅଟେ ଓ ଏହା ମିଥ୍ୟା ପ୍ରମାଣିତ ହେଲେ ମୋର ପ୍ରାର୍ଥୀତ୍ୱକୁ ନାକଚ କରିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରାର୍ଥୀଙ୍କ ସ୍ୱାକ୍ଷର

ତାରିଖ

ସ୍ଥାନ–